# ପିଲାଙ୍କ ଧରିତ୍ରୀ

ଶନିବାର, ୨୯ଫେବୃୟାରୀ, ୨୦୨୦



# ସୋମୁ ଓ କୁକୁର ଛୁଆ

ଗପ

ସୋମୁ ପଞ୍ଚମରୁ ଷଷ୍ଠକୁ ଉଠିଲା। ହେଲେ ଅନ୍ୟମାନଙ୍କ ଭଳି ତା'ର ପଢ଼ାରେ ମନ ନାହିଁ। ଦୁଷ୍ଟାମି ବଢ଼ି ବଢ଼ି ଚାଲିଛି। ଗଛରେ ଚଢ଼ିବା, ପାଣିରେ ବୁଡ଼ିବା, ସ୍କୁଲ ଯିବା ବାଟରେ ଯଦି କିଛି କୌତୁକିଆ ଜିନିଷ ଦେଖିଲା କି ଗୋଟେ କିଛି ମନକୁ ଢୁକିଲା, ତେବେ ସେ ବସ୍ତାନି ସହିତ ଚାଲିଲା ସେଠିକି। ଗଛରେ ବସିଥିବା ପକ୍ଷୀ କିମ୍ବା ଗୁଣ୍ଡୁଚିମୂଷାକୁ ଟେକା ମାରି ଖଣ୍ଡିଆ କରିଦେବାରେ ତା'ର ବାହାଦୁରି। ସବୁ ପିଲା ମାନନ୍ତି ଯେ ସୋମୁର ହାତ ଭାରି ଠିକ୍। ଯାହାକୁ ଲକ୍ଷ୍ୟ କରିବ ବଜେଇ ଦେବ ଢେଲା ତା' ଦେହରେ।

ଏଣୁ ପିଲାଏ ଚଢ଼େଇ ମାରିଗଲା ବେଳେ ତାକୁ ଆଗଡ଼ାକ କରନ୍ତି। ତା'ଟେକାରେ ଜୀବମାନେ ରକ୍ତାକ୍ତ ହେଇ ଯେତେବେଳେ ଛଟପଟ ହେଉଥାନ୍ତି, ସୋମୁକୁ ବଡ଼ ମଜା ଲାଗେ। ବାସ୍ତବରେ ନିରୀହ ପ୍ରାଣୀଙ୍କୁ ଛଟପଟ କରିବାରେ ତା'ର ଆନନ୍ଦ। ଘରେ କାହାରି ଆକଟ ମାନିବାର ନାହିଁ। ବିରାଡ଼ି, କୁକୁର ଯାହାକୁ ପାରିବ ଢେଲା ମାରି ଛୋଟା କରିଦେବ। ସେମାନେ କେଁ କେଁ ହୋଇ ଛୋଟେଇଲେ ସୋମୁର ଭାରି ଖୁସି।


ଥରେ ଦୁଇଟା କୁକୁର ଛୁଆଙ୍କୁ କୂଅ ଭିତରକୁ ପକେଇଦେଲା। ପିଲା ଦୁଇଟି ପାଣିରେ ଉବୁଟୁବୁ ହେଉଥାନ୍ତି। କ୍ୟାଉଁ କ୍ୟାଉଁ ଶବ୍ଦ ଶୁଣି ପିଲାଏ ସେଠି ରୁଣ୍ଡ। ସମସ୍ତେ କୁକୁର ଛୁଆଙ୍କ ବିକଳ ଦେଖୁଥାନ୍ତି। ମାତ୍ର ସୋମୁ ନିଜର ବୀରତ୍ୱ ପାଇଁ ବାହାସ୍ଫୋଟ ମାରୁଥାଏ। ମା'କୁକୁରଟି ଏଣେତେଣେ ଖୋଜି କୂଅରେ ନିଜ ପିଲାଙ୍କର ବିକଳ ଅବସ୍ଥା ଦେଖି ଡିଆଁମାରିଦେଲା ସେଇ କୂଅ ଭିତରକୁ। ମା'ଛୁଆ ତିନିଟା କୂଅରେ ପଡ଼ି ଛଟପଟ ହେଉଥିବାବେଳେ ବହୁ ଲୋକ ଦେଖୁଥାନ୍ତି। ମାତ୍ର ସୋମୁ ଏପରି ହେବ ଭାବି ନ ଥିଲା, ଛୁଆ ପାଇଁ ମା'ଟା ବି ମରଣ ମୁହଁକୁ ଡେଇଁ ପଡ଼ିବ।

ଆନନ୍ଦରେ ଅଭିଭୂତ ହେଇ ପଡୁଥିବା ସୋମୁ କୂଅକୁ ଚାହିଁ ଜଡ଼ ପାଲଟି ଯାଇଥାଏ। ଛୁଆଙ୍କ ବିକଳ ସହି ନ ପାରି ମା'କୁକୁର ପାଣି ପିଇଯାଇ ଛୁଆଙ୍କ ସହିତ ଏକତ୍ର ମରୁଥିବାର ଓ ପ୍ରାଣାନ୍ତକ ଯନ୍ତ୍ରଣା ଭୋଗୁଥିବାର ଦୃଶ୍ୟ ଦେଖି ସୋମୁର କଠୋର ହୃଦୟଟା ଶିହରି ଉଠିଲା। ପ୍ରଥମଥର ପାଇଁ ତାକୁ ବହୁତ ଦୁଃଖ ଲାଗିଲା। ତା'ରି ଖୁସି ଖିଆଲ ପାଇଁ ନିରୀହ ଜୀବ ତିନିଟା ଡହଳବିକଳ ହେଇ ମରୁଥିବାର ମର୍ମସ୍ପର୍ଶୀ ଦୃଶ୍ୟ ସୋମୁକୁ ବ୍ୟଥିତ କରିପକେଇଲା। ବଞ୍ଚିବା ପାଇଁ ମା'ଛୁଆ ପାଣି ଉପରକୁ ନାକ ଟେକି ଅନେକ ଚେଷ୍ଟା କରୁଥାନ୍ତି। ସୋମୁକୁ ଲାଗିଲା ସତେ ଅବା ମା' କୁକୁର ତା'ଆଡ଼କୁ ଅନାଇ ରକ୍ଷା କରିବାକୁ ଆକୁଳ ପ୍ରାର୍ଥନା କରୁଛି।



ନିଜକୁ ସମ୍ଭାଳି ପାରିଲାନି ସୋମୁ। ଧୂସ୍‌କରି ଡେଇଁ ପଡ଼ିଲା ସେ କୂଅ ଭିତରକୁ। ଭାଗ୍ୟକୁ କେତେକ ଲୋକ ଦଉଡ଼ି ଆଣି କୁକୁରକୁ ସେ କୂଅରୁ କାଢ଼ିବା ପାଇଁ ଚେଷ୍ଟା କଲେ। ଏଣୁ ଶୀଘ୍ର ସେମାନେ ଦଉଡ଼ି ପକେଇ ମା' କୁକୁର ସହିତ ସୋମୁକୁ ଉଦ୍ଧାର କଲେ। କିନ୍ତୁ କୁକୁର ଛୁଆ ଦୁଇଟିକୁ ବଞ୍ଚାଇ ହେଲା ନାହିଁ। ସମସ୍ତେ ସୋମୁକୁ ଛି ଛାକର କରି ଗାଳି ଦେଲେ। ସୋମୁ ଭିତରେ ଗୋଟିଏ ପରିବର୍ତ୍ତନର ଝଡ଼ ବହୁଥିଲା। ସେ ନିଜକୁ ଭୀଷଣ ଦୋଷୀ ମଣିଲା। ସେହି ଦିନଠାରୁ ଆଉ କେବେ ଅନ୍ୟକୁ କଷ୍ଟ ନ ଦେବା ଲାଗି ସେ ପ୍ରତିଜ୍ଞା କଲା।

**–ଶିବ ପ୍ରସାଦ ରାଉତ**
ବଚ୍ଛଦା, ଜଗନ୍ନାଥପୁର, ଭଦ୍ରକ
ମୋ: ୯୪୩୭୭୯୬୬୨୧



## ଖିଲିଖିଲି ହସ

(ମା ଓ ଝିଅ ମଧ୍ୟରେ କଥାବାର୍ତ୍ତା)
ମା:ରାନୀ ଲ୍ୟାମ୍ପ ଟିକେ ଜଳାଇ ଦେ
କିଛି ସମୟ ପରେ ଝିଅକୁ ପାଖରେ ଦେଖି ମା ପଚାରିଲେ–ଆରେ ରାନୀ ଲ୍ୟାମ୍ପଟା ଜଳାଇଦେଲୁ ?
ରାନୀ: ହଁ,ମୁ ଲ୍ୟାମ୍ପ ଟାକୁ କେତେବେଳୁ ଚୁଲି ଭିତରକୁ ଫୋପାଡି ଦେଇଛି ସେ କେତେବେଳୁ ଜଳିଯିବଣି ।

ଦିନେ ସ୍କୁଲ୍‌ରେ କୁଇଜ୍ କମ୍ପିଟିଶନ ହୋଇଥିଲା। ସେଥିରେ ଚିଣ୍ଟୁ ସବୁ ପ୍ରଶ୍ନର ଉତ୍ତର ଦେଇଥିଲା। ହେଲେ ଫେଲ୍ ହୋଇଗଲା କାହିଁକି ?
କିଛି ପ୍ରଶ୍ନର ଉତ୍ତର ଏମିତି ଥିଲା–
ପ୍ରଶ୍ନ: ଗାନ୍ଧିଜୀଙ୍କ ଜନ୍ମ କେବେ ହୋଇଥିଲା ?
ଉତ୍ତର: ତାଙ୍କ ଜନ୍ମଦିନରେ
ପ୍ରଶ୍ନ:ଯମୁନା କେଉଁ ଷ୍ଟେଟ୍‌ରେ ବହୁଛି
ଉତ୍ତର: ଲିକ୍ୟୁଇଡ୍ ଷ୍ଟେଟ୍‌ରେ
ପ୍ରଶ୍ନ:୮ଟି ଆମ୍ବକୁ ୬ଜଣଙ୍କ ମଧ୍ୟରେ କିପରି ସମାନ ଭାବରେ ବଣ୍ଟାଯିବ
ଉତ୍ତର: ମିଲ୍କ ସେକ୍ କରି ।

(ଚିଣ୍ଟୁ ଓ ଗୋଲୁ ମଧ୍ୟରେ କଥାବାର୍ତ୍ତା)
ଚିଣ୍ଟୁ(ଗୋଲୁକୁ) – ମୋ ବାପା ବହୁତ ଡରୁଆ
ଗୋଲୁ(ଚିଣ୍ଟୁକୁ)–କେମିତି ?
ଚିଣ୍ଟୁ:ଯେତେବେଳେ ବି ରାସ୍ତା ପାର ହୁଅନ୍ତି ,ମୋ ଆଙ୍ଗୁଠିକୁ ଧରିକି ଚାଲନ୍ତି।

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**
dharitrifeature@gmail.com

## ମତାମତ

ଶିଶୁ ପ୍ରତିଭା ସ୍ତମ୍ଭରେ ସ୍ଥାନିତ ରୋଶନୀଙ୍କ ବହୁମୁଖୀ ପ୍ରତିଭା ବିଷୟରେ ପଢିଲି। ପାଠପଢା ସହ ବିଭିନ୍ନ ଦିଗରେ ତାଙ୍କର ପାରଦର୍ଶିତା ଅନ୍ୟମାନଙ୍କ ପାଇଁ ନିଶ୍ଚୟ ପ୍ରେରଣା।
– **ସାରଦା ପ୍ରସନ୍ନ ମହାରଣା,** ନରେନ୍ଦ୍ରପୁର, ଗଞ୍ଜାମ

ପିଲାଙ୍କ ଧରିତ୍ରୀରେ ପ୍ରକାଶିତ ପ୍ରଫୁଲ୍ଲ କୁମାର ସେନାପତିଙ୍କ ପରୀକ୍ଷାର୍ଥୀଙ୍କ ପାଇଁ ବିଷୟଟି ବେଶ୍ ଉପାଦେୟ ଥିଲା। ପରୀକ୍ଷା ସମୟରେ ଏଭଳି ଲେଖା ନିଶ୍ଚୟ ପରୀକ୍ଷାର୍ଥୀଙ୍କୁ ସାହସ ଦେଇପାରିବ।
– **ଦୀପିକା, ବନ୍ଦିତା,** ଇନ୍ଦିପୁର, ଢେଙ୍କାନାଳ

ପିଲାଙ୍କ ଧରିତ୍ରୀର ପୃଷ୍ଠାସଂଖ୍ୟା ବୃଦ୍ଧି କରିବାକୁ ଅନୁରୋଧ।
– **ଅନୁରାଗ ବଡଜେନା,** ଗାନ୍ଧୀନଗର, ବଲାଙ୍ଗୀର

କୁନି କୁନି ପିଲାଙ୍କ ଦ୍ୱାରା ଅଙ୍କାଯାଇଥିବା ଜାଗର ସମ୍ପର୍କିତ ଚିତ୍ରଗୁଡିକ ଖୁବ୍ ସୁନ୍ଦର ଲାଗୁଥିଲା।
– **ଜ୍ୟୋସ୍ନାମୟୀ ସ୍ୱାଇଁ,** ପାଲଲହଡା, ଅନୁଗୋଳ

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

## ଚଗଲା ଭୀମୁ





# ପିରାମିଡ୍‌ର ରହସ୍ୟମୟ ଶକ୍ତି




କୁହାଯାଏ ପିରାମିଡ୍ ଭିତରେ ରହିଛି ଏଭଳି ରହସ୍ୟମୟ ଶକ୍ତି, ଯାହାକୁ ବର୍ଣ୍ଣନା କରିବା ଅସମ୍ଭବ । ମହାଜାଗତିକ ରଶ୍ମିକୁ ନିଜ ଆଡ଼କୁ ଆକର୍ଷିତ କରିବାର ଚୁମ୍ବକୀୟ ଶକ୍ତି କୁଆଡ଼େ ରହିଛି ସେଥିରେ । ଅନେକେ ଏହାକୁ ପ୍ରମାଣ କରିବାକୁ ମଧ୍ୟ ଚେଷ୍ଟା କରିଛନ୍ତି ଅତୀତରେ । ପୁଣି ତାହା ସ୍ଥିର-ସନ୍ତୁଳିତ ବୈଦ୍ୟୁତିକ ଶକ୍ତିର ଗନ୍ତାଘର ବୋଲି ବିଶ୍ୱାସ କରାଯାଏ । ଏହା ଭିତରେ ନିଜ ନିଜର ନିୟତିକୁ କେହି କେହି ପ୍ରତ୍ୟକ୍ଷ କରିଥିବା ମଧ୍ୟ ଦାବି କରିଥାନ୍ତି । ଅନେକ ଏହା ଭିତରେ କୌଣସି କାରଣ ନ ଥାଇ ହଠାତ୍ ବେହୋସ୍ ହୋଇଯାଇଥିବା ଏପରି କି କେତେକ ପ୍ରାଣ ହରାଇଥିବାର ଏକାଧିକ ଦୃଷ୍ଟାନ୍ତ ରହିଛି ।


୧୭୯୯ରେ ସମ୍ରାଟ୍ ନେପୋଲିୟନ୍ ବୋନାପାର୍ଟ ଇଜିପ୍ଟର ଗିଜା ସ୍ଥିତ ବିଶାଳକାୟ ପିରାମିଡ୍‌ରେ ଥିବା ରାଜାଙ୍କ ପ୍ରକୋଷ୍ଠ ଭିତରକୁ ପ୍ରବେଶ କରିଥିଲେ । ସେଠାରେ ପହଞ୍ଚିବାର କିଛି ସମୟ ପରେ ତାଙ୍କୁ ଏକଲା ଛାଡ଼ି ବାହାରିଯିବାକୁ ସେ ନିର୍ଦ୍ଦେଶ ଦେଇଥିଲେ ନିଜର ପଥପ୍ରଦର୍ଶକ ଏବଂ ସହଚରମାନଙ୍କୁ । ସେଠାରେ କିଛି ସମୟ ଏକୁଟିଆ ରହି ଫେରିବା ବେଳକୁ ଶେତା ପଡ଼ିଯାଇଥାନ୍ତି ସେ । ଭୟ ଆତଙ୍କର ଚିହ୍ନ ସ୍ପଷ୍ଟ ବାରିହୋଇପଡୁଥାଏ ତାଙ୍କ ମୁହଁରେ । ଥରୁଥାନ୍ତି ସେ । କ'ଣ ହେଲା ବୋଲି ପଚାରିବାରୁ ସଂପୂର୍ଣ୍ଣ ନୀରବ ରହିଥିଲେ ସେ ସେତେବେଳେ । ପରେ ସେଣ୍ଟ ହେଲେନାର ଶେଷନିଃଶ୍ୱାସ ତ୍ୟାଗ କଲାବେଳକୁ ନିଜର ଜନୈକ ପରିଚାରକଙ୍କୁ କହିଥିଲେ ସେ - ମୁଁ ସେଦିନ ସେଠାରେ ମୋର ଭବିଷ୍ୟତ ଦେଖିଥିଲି । ଛାଡ ଏବେ କହି କିଛି ଲାଭ ନାହିଁ । କହିଲେ କେହି ଆଉ ବିଶ୍ୱାସ କରିବେ ନାହିଁ ।

ପିରାମିଡ୍‌ର ଆକୃତି ହିଁ ଚମତ୍କାରୀ ଶକ୍ତି ପ୍ରଦାନକାରୀ । ଏହା ମଧ୍ୟରେ ବ୍ଲେଡ଼ର ଧାର ଅପରିବର୍ତ୍ତିତ ରୁହେ ; ଖାଦ୍ୟ ସତେଜ ରୁହେ ; ପୁଣି ମାନସିକ ଅବସାଦରୁ ମୁକ୍ତି ମିଳେ ବୋଲି ଅନେକେ ବିଶ୍ୱାସ କରିଥାନ୍ତି । ପିରାମିଡ୍‌ର ଏଭଳି ବୈଶିଷ୍ଟ୍ୟକୁ ପ୍ରଥମ ଥର ପାଇଁ ପରୀକ୍ଷା କରି ଦେଖିଥିଲେ ଜନୈକ ଫରାସୀ ଗବେଷକ ବୋଭିସ୍ ୧୮୫୦ରେ । ପରେ ଏହାର ୧୦୦ ବର୍ଷ ପରେ ଜନୈକ ଚେକ୍ ଯନ୍ତ୍ରୀ କରେଲ୍ ଡ୍ରାବ୍‌ଲ ବୋଭିସଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ପୁନର୍ବାର ପରୀକ୍ଷା କରିଥିଲେ । ପିରାମିଡ୍ ଆକୃତି ଭିତରେ ରେଜର୍ ବ୍ଲେଡ୍ ଦନ୍ଥରା ହେଉ ନ ଥିବାର ପ୍ରମାଣ ପାଇ ସେ ଦଉଡିଲେ ସ୍ଥାନୀୟ ପେଟେଣ୍ଟ କାର୍ଯ୍ୟାଳୟକୁ ; ଏହି ଆବିଷ୍କାରର ପେଟେଣ୍ଟ ହାସଲ କରିବା ନିମନ୍ତେ । ପ୍ରମାଣ ଦେବା ପରେ ଅବଶ୍ୟ ତାଙ୍କୁ ପେଟେଣ୍ଟ ପ୍ରାପ୍ତ ହୋଇଥିଲା ।

ତେବେ ଯେମିତି ସେମିତି ପିରାମିଡ୍‌ଟିଏ ତିଆରି କରିଦେଲେ ଚଳିବ ନାହିଁ । ଏହାର ଭିତ୍ତି ଏବଂ ପାର୍ଶ୍ୱ ୧୫.୭ରୁ ୧୪.୯୪ ଅନୁପାତରେ ତିଆରି ହୋଇଥିବା ଆବଶ୍ୟକ । ପୁଣି କମ୍ପାସ୍‌ର ଚାରି କୋଣ ସହ ଏହାର ପାର୍ଶ୍ୱ ସଂଗତି ରକ୍ଷା କରୁଥିବା ଜରୁରୀ । ସାମାନ୍ୟ ଏପଟ ସେପଟ ହେଲେ ଚଳିବ ନାହିଁ । ଏହି ଆକୃତି ଭିତରେ ବ୍ଲେଡ୍ ଧାରକୁ ପୂର୍ବ-ପଶ୍ଚିମ ମୁହାଁ କରି ରଖାଗଲେ ତାହା ଦନ୍ଥରା ହେଉ ନ ଥିବା ପ୍ରମାଣିତ ହୋଇଛି । ପିରାମିଡ୍‌ର ଏଭଳି ଅନେକ ଚମତ୍କାରୀ ଶକ୍ତିକୁ କେହି ଆଜିଯାଏ ବୁଝାଇ ପାରିନାହାନ୍ତି ; ଯଦିଓ ଅନେକେ ଏପରି କି ସାଧାରଣ ଲୋକେ ସୁଦ୍ଧା ଏହାକୁ ଅନୁଭବ କରିଆସିଛନ୍ତି ଶହ ଶହ ବର୍ଷ ଧରି ।

-ବିପିନ ବିହାରୀ ରାଉତ
ଶ୍ରୀବିହାର କଲୋନୀ, କଟକ
ମୋ : ୯୪୩୭୬୬୬୪୫୩







# ତୁମ ତୁଳୀରୁ

୧

**ଦୟାନିଧି ମୁଦୁଲି**
କ୍ଲାସ-୭,ସରକାରୀ ଉଚ୍ଚ
ପ୍ରାଥମିକ ବିଦ୍ୟାଳୟ,
ବାଦିଗୁଡା,ନବରଙ୍ଗପୁର

**ପ୍ରତୀକ୍ କୁମାର ସାହୁ**
କ୍ଲାସ-୩, ସରସ୍ୱତୀ ଶିଶୁ
ବିଦ୍ୟାମନ୍ଦିର,
ଗାଇସିଲଟ,ବରଗଡ

୨

୩

**ସୀମା ବରିହା**
କ୍ଲାସ-୮, ବାଘମୁଣ୍ଡ ଉଚ୍ଚ
ପ୍ରାଥମିକ ବିଦ୍ୟାଳୟ,
ପାଟଣାଗଡ,ବଲାଙ୍ଗୀର

**ସାଇଶ୍ରୀ ସାହୁ**
ମିଲିୟନ୍ କିଡ୍‌ଜୀ,
ମେଦିନୀପୁର,
ହଳଦିଆ,ପଶ୍ଚିମବଙ୍ଗ

୪

୫

**ବି. ସୌମ୍ୟ ସିଦ୍ଧାର୍ଥ**
କ୍ଲାସ-୨,ସରସ୍ୱତୀ ଶିଶୁ
ବିଦ୍ୟାମନ୍ଦିର,
ପୋତାପୋଖରୀ,କଟକ

**ଓମ୍‌ଶ୍ରୀ ପୃଷ୍ଟି**
କ୍ଲାସ-୪,ଭେଙ୍କଟେଶ୍ୱର
ପବ୍ଲିକ୍ ସ୍କୁଲ,
ନିମାପଡା,ପୁରୀ

୬

୭

**ଶାଶ୍ୱତୀ ଦାଶ**
କ୍ଲାସ-୧,
ବିଜେଇଏମ୍ ସ୍କୁଲ,
ଭୁବନେଶ୍ୱର

**ଦିବ୍ୟଙ୍କା ସିଂହ ବାରିକ୍**
କ୍ଲାସ-୬, ଗାନ୍ଧୀ ପବ୍ଲିକ୍
ସ୍କୁଲ,ଗୁଣୁପୁର,
ରାୟଗଡା

୮

୯

**ଗୀତେସ୍ ରାଉତ**
କ୍ଲାସ-୪,ବିବେକାନନ୍ଦସ୍କୁଲ
ଅଫ୍ ଏଜୁକେଶନ୍,
ବାଙ୍କୀ,କଟକ

**ସୋନିକା ଭୋଇ**
କ୍ଲାସ-୭,ସରସ୍ୱତୀ ଶିଶୁ
ବିଦ୍ୟାମନ୍ଦିର,ସିଦ୍ଧେଶ୍ୱର
ବେର୍ଣ୍ଣା,ସମ୍ବଲପୁର

୧୦


୧


୨


୩


୪



୫


୬


୭


୮


୯


୧୦


କ
ବି
ତା

## ବାପା ପରି ମୋର କିଏ ସେ ହେବ

ବାପାପରି ମୋର କିଏ ସେ ହେବ
ଭାଙ୍ଗି ଯାଇଥିଲେ ଗଢ଼ାଇ ଦେବ
ଗେଲ କରିବ
ଆଉଁଶି ଦେବ
ଲାଡ କରି ମୋତେ ବୁଲେଇ ନେବ
ହଜି ଯାଇଥିଲେ ଖୋଜି ଆଣିବ
ବାପା ପରି ମୋର କିଏ ସେ ହେବ ।
ହାତ ଧରି ମେଳା ଦେଖାଇ ନେବ
ଖେଳଣା ମୋ ପାଇଁ କିଣାଇ ଦେବ
ନୂଆଁ ପୋଷାକରେ ସଜାଉ ଥିବ
ପଢ଼ା ବେଳେ ପାଠ
ଖେଳ ବେଳେ ଖେଳ
ନିତି କହି ମୋତେ ତିଆରୁ ଥିବ
ବାପା ପରି ମୋର କିଏ ସେ ହେବ ।
ପାଖରେ ବସାଇ ଖୁଆଇ ଦେବ
ପାଠପଢ଼ା କଥା ପଚାରୁଥିବ
ବିପଦେ ଆପଦେ ଡରିଯିବା ନାହିଁ
କାନେ କାନେ ମୋତେ ଶିଖାଉଥିବ
ବାପା ପରି ମୋର କିଏ ସେ ହେବ ।
ସବୁ ବେଳେ ଶୁଭ ମନାସୁଥିବ
ସାନପୁଅ ହୋଇ ଯଶ ରଖିବାକୁ
ଗପଛଳେ ମୋତେ ବୁଝାଉଥିବ
ବାପାପରି ମୋର କିଏ ସେ ହେବ ।

**– ଜ୍ୟୋସ୍ନାରାଣୀ ଦାଶ,**
ପାଲଲହଡ଼ା, ଅନୁଗୋଳ
ମୋ: ୭୫୪୦୯୧୦୪୮୧






## ଫଗୁଣେ ବହୁଚି ଦକ୍ଷିଣା ବାଆ

ନାଆକୁ ନାଉରି ମାଆକୁ ଛୁଆ
''ଫଗୁଣେ ବହୁଚି ଦକ୍ଷିଣା ବାଆ ।''
ଗୁଆ ଘିଅ ମଖା ତବତ ଭାତ
କୋଇଲି ଗାଉଚି କୁହୁ, କୁ'ଗୀତ ।
ଗରମ ମୁଢ଼ିକୁ ଖଣ୍ଡ ନଡ଼ିଆ
କଅଁଳ ପତରେ ଗଛ ବଢ଼ିଆ ।
ପଖାଳକୁ ଶାଗ, ବଡ଼ି ଚୂରାଟି
ଆମ୍ବ ବଉଳର ବାସ ଛୁଟେଟି ।
ରଜ ଦିନେ ଖେଳ ବାଗୁଡ଼ି, ପଶା
ଖାଡ଼ା ଉପବାସ ଜାଗର ଓଷା ।
ବାହା, ବରତକୁ ମହୁରି, ଢୋଲ
ଦୋଳ ଦିନେ ରଙ୍ଗ, ଅବିର ଖେଳ ।

**– ରମାକାନ୍ତ ବେହେରା**
ଭଣ୍ଡାରିପୋଖରୀ, ଭଦ୍ରକ,
ମୋ: ୬୩୭୦୦୬୩୦୭୧




- 'ଜୟ ଯଓ୍ୱାନ, ଜୟ କିଷାନ' ସ୍ଲୋଗାନ କିଏ ଦେଇଥିଲେ ?
- କଟାଯାଇଥିବା ପନିପରିବାକୁ ବାରମ୍ବାର ଧୋଇଲେ କେଉଁ ଭିଟାମିନ୍ ନଷ୍ଟ ହୋଇଯାଏ ?
- ପିନ୍ କୋଡ ସିଷ୍ଟମ ଭାରତରେ କେବେ ପ୍ରଚଳିତ ହୋଇଥିଲା ?
- ଭାରତର କେଉଁ ରାଜ୍ୟରେ ସର୍ବାଧିକ କପା ଅମଳ ହୋଇଥାଏ ?
- ପ୍ରତିବର୍ଷ ମାର୍ଚ୍ଚ ୮ ତାରିଖରେ କେଉଁ ଦିବସ ପାଳନ କରାଯାଇଥାଏ ?

## ଆରଥରର ଉତ୍ତର

- ଅହିରାଜ
- ଛେଳି
- ଉର୍ଦ୍ଦୁ
- ହିଲିୟମ୍
- ଫ୍ୟାନ

## କହିଲ ଦେଖି

୧



ମଗୁଶୁରେ ସିଏ ଖଳାକୁ ଆସେ
କୃଷକର ମନ ଆନନ୍ଦେ ହସେ
ଦେଉଳ ପରି ତାକୁ ଯତ୍ନେ ସଜେଇ
ରଖିଥାନ୍ତି ତାକୁ କେତେ ବାଗେଇ
ସ୍ୱର୍ଣ୍ଣମୁଖୀ ତା'ର ରୂପକୁ ଦେଖି
ମନଟା ତା'ପାଖେ ରୁହଇ ଲାଖି
ଚଷୀ ଭାଇର କ୍ଷେତରେ ଫଳେ
ପ୍ରଧାନ ଖାଦ୍ୟଟି ସେଥିରୁ ମିଳେ ।
ଉ–ଧାନ

୨

ଡେଣା ନାହିଁ କିନ୍ତୁ ଉଡୁଛି ସିଏ
ଦେଶ ସାଥେ ସିଏ ବିଦେଶ ଯାଏ
ଉଡୁଥାଏ ସିଏ କ୍ଷିପ୍ର ଗତିରେ
ନେଇଥାଏ ଯାତ୍ରୀ ନିଜ ସାଥିରେ
ବହୁ ଦ୍ରବ୍ୟ ସିଏ ସାଥିରେ ନିଏ
ଲକ୍ଷ୍ୟସ୍ଥଳରେ ସିଏ ପହଞ୍ଚିଯାଏ ।
**ଉ– ଉଡାଜାହାଜ**






୩

ସମସ୍ତେ ରୁହନ୍ତି ଘର ଭିତରେ
ଉପରେ ଥାଏ ମୁଁ ରହି
ସମସ୍ତେ ସଞ୍ଚନ୍ତି ନିଜ ଖୁସି ପାଇଁ
ଅନ୍ୟ ପାଇଁ ସଞ୍ଚେ ମୁହିଁ ।
ସବୁଠୁଁ ମଧୁର ମୋ ସଞ୍ଚିତ ଧନ
ଅଟଇ ବି ଉପକାରୀ
ପୂଜା ପର୍ବ ହେଉ ଅବା ଦେହ ପାଇଁ
ଅଟେ ଭାରି ଦରକାରୀ ।
**ଉ– ମହୁମାଛି**

**ପ୍ରଶାନ୍ତ କୁମାର ନାଥ, ସୁନ୍ଦରପୁର, ଉତ୍ତରକୂଳହାଟ, ପ୍ରୀତିପୁର, ଯାଜପୁର, ମୋ: ୮୮୯୨୩୦୧୧୪୩**

## ଆସ ଖୋଜିବା




# ଜଣା ଅଜଣା



ମହୁମାଛିଙ୍କର କାନ ନ ଥାଏ। ଏମାନେ ମୁଣ୍ଡ ଉପରେ ଥିବା ଦୁଇଟି ଶୁଣ୍ଢ ଦ୍ୱାରା ଶୁଣିବା କାର୍ଯ୍ୟ କରିଥାନ୍ତି।



ଜାପାନରେ ଏକ ପ୍ରକାର ତରଭୁଜ ଚାଷ କରାଯାଏ ଯାହା ଦେଖିବାକୁ ବର୍ଗାକାର। ଚାରିକୋଣିଆ ବକ୍ସ ଭିତରେ ବିକଶିତ ହେଉଥିବା ଏହି ତରଭୁଜକୁ କ୍ୟୁବ୍ ୱାଟରମେଲନ କୁହାଯାଏ।



ସୂର୍ଯ୍ୟରେ ହିଲିୟମ ଗ୍ୟାସର ଅବସ୍ଥିତି ଯୋଗୁ ଏହା ଏତେ ଉଜ୍ଜ୍ୱଳ ଦେଖାଯାଏ।




ମଡ୍‌ସ୍କିପର ନାମକ ଏକ ମାଛ ପ୍ରାୟ ସମୟ ପାଣି ବାହାରେ କାଦୁଅରେ ରହିଥାଏ। ପାଣିରୁ ବାହାରିବା ସମୟରେ ସେ କିଛି ମାତ୍ରାରେ ପାଣି ନିଜ ଗାଲିସିରେ ରଖିଥାଏ, ଯାହା ତାକୁ ଅନେକ ସମୟ ପାଣି ବାହାରେ ରହିବାରେ ସାହାଯ୍ୟ କରେ।



ମନୁଷ୍ୟର ନାକ ପ୍ରାୟ ୫୦ ହଜାରରୁ ଅଧିକ ପ୍ରକାରର ଗନ୍ଧ ବାରିପାରେ।

ଧଳା ସାର୍କ ଭଳି କିଛି ମାଛ ନିଜ ଶରୀରର ତାପମାତ୍ରା ବଢେଇପାରନ୍ତି ଯାହାକି ସେମାନଙ୍କୁ ଥଣ୍ଡା ପାଣି ଭିତରେ ଶିକାର କରିବାରେ ସାହାଯ୍ୟ କରେ।



# ଆ ଇ ନା



ଜସ୍ମିତ୍
୫ ବର୍ଷ



ତନ୍ମୟ
୮ ବର୍ଷ




ସୁଧା
୬ ବର୍ଷ